ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.03 - MARCH 2026

# ରେ କାଳିଆ

**କୁରୀ କୁଡୁମ୍ବା**



ରେ କାଳିଆ ସାଆନ୍ତ
ମୁଁ ତୋ ଛବି ଆଙ୍କି ଦେଇଛି
କେମିତି ଅବା ତୁ ସୁନ୍ଦର ନ ଦିଶିବୁ ଯେ ।

ରେ କାଳିଆ ସାଆନ୍ତ
ତୋ ଭିତରେ ତ ଏ ସଂସାରର
ସକଳ ସୌନ୍ଦର୍ଯ୍ୟ ସମାହିତ ।

ରେ କାଳିଆ ସାଆନ୍ତ
ତୋର ତ ନାମ ଉଚ୍ଚାରଣରେ
ଏତେ ଶକ୍ତି ଅଛି ଯେ
କଳୁଷିତ ମନରେ ବି ପବିତ୍ରତା ଭରିଯାଏ ।

ରେ କାଳିଆ ସାଆନ୍ତ
ତୁ ତ ଏ ସୃଷ୍ଟିର ସ୍ରଷ୍ଟା
ଆଉ ତୁ ହିଁ ସବୁରି ବିନାଶ କର୍ତ୍ତା ।

ରେ କାଳିଆ ସାଆନ୍ତ
ତତେ ନେଇକି ଯେତେ ଲେଖିଲେ ଅବା
ଯେତେ କହିଲେ ମଧ କମ୍ ପଡ଼ିଯିବ।

ରେ କାଳିଆ ସାଆନ୍ତ
ସେଥି ପାଇଁ ତୋ ସୌନ୍ଦର୍ଯ୍ୟ
ସବୁଦିନ ଏମିତି ଝଟକୁ ଥାଉ
କାଳିଆ ଆଉ ତୁ ସବୁଦିନ
ଏମିତି ସୁନ୍ଦର ଦିଶୁଥା
ଆଉ ସଭିଙ୍କ ଉପରେ
ତୋ ଆଶିଷ ସର୍ବଦା ଢ଼ାଳୁଥା।

**ଗ୍ରାମ - କେକିସିଙ୍ଗି, ଜିଲ୍ଲା - ଗଜପତି**
**ମୋ - ୮୪୮୦୫୭୭୮୪୭**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*